ସମ୍ବାଦ

ତାରିଖ: ୦୭.୧୧.୨୦୨୫

# ବିଆଇଆଇଟିଏମ୍‌ରେ ପୁସ୍ତକ ପ୍ରଦର୍ଶନୀ



ଚନ୍ଦ୍ରଶେଖରପୁର, ୬/୧୧(ଇମିସ): ପୁସ୍ତକ ହେଉଛି ଜ୍ଞାନର ଭଣ୍ଡାର। ଆମ୍ଭେ ଯେତେ ପଢ଼ିବା ସେତେ ଜ୍ଞାନ ଆହରଣ କରିବା। କୌଣସି ଶ୍ରେଣୀରେ ପଢ଼ିବା ସମୟରେ ଆମେ ନିର୍ଦ୍ଦିଷ୍ଟ ବିଷୟଭିତ୍ତିକ ପୁସ୍ତକ ଅଧ୍ୟୟନ ଉପରେ ଧ୍ୟାନ ଦିଅନ୍ତି। ଫଳରେ ଜ୍ଞାନର ପରିସୀମା ସୀମିତ ହୋଇରହିଯାଏ। ତେଣୁ ଅନ୍ୟାନ୍ୟ ପୁସ୍ତକ ଅଧିକ ପଢ଼ିବା ଦ୍ୱାରା ଜ୍ଞାନର ପରିସୀମା ବୃଦ୍ଧି ପାଇବ ବୋଲି ପଟିଆସ୍ଥିତ ବିଆଇଆଇଟିଏମ୍ କ୍ୟାମ୍ପସ୍‌ରେ ଅନୁଷ୍ଠିତ ପୁସ୍ତକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ମିହିର ରଞ୍ଜନ ନାୟକ କହିଛନ୍ତି। ଗ୍ରନ୍ଥାଗାରିକ ବୀରକିଶୋର ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୁସ୍ତକ ପ୍ରଦର୍ଶନୀରେ ଡିନ୍ ଚିନ୍ମୟ କୁମାର ଦାଶ ଅନ୍ୟତମ ଅତିଥି ଭାବେ ଯୋଗଦେଇ କହିଲେ ପୁସ୍ତକକୁ ଭଲ ସାଥୀଟିଏ କଲେ ଛାତ୍ରଛାତ୍ରୀ ଜ୍ଞାନୀ, ଗୁଣୀ ଓ ବିଜ୍ଞ ହୋଇପାରିବେ। ବର୍ତ୍ତମାନର ଦ୍ରୁତ ପ୍ରଗତି ଡିଜିଟାଲ ଯୁଗରେ ବିଦ୍ୟାର୍ଥୀମାନେ ଡିଜିଟାଲ ଅଧ୍ୟୟନରେ ଲିପ୍ତ ରହୁଛନ୍ତି। ଏହି କ୍ଷଣସ୍ଥାୟୀ ପ୍ରକ୍ରିୟାରେ କିଛି ଛାତ୍ରଛାତ୍ରୀ ସଫଳ ହେଉଥିଲେ ମଧ୍ୟ ପରେ ପାଠ ଭୁଲି ଯିବାର ଦେଖାଯାଉଛି। ତେଣୁ ଡିଜିଟାଲ ପୁସ୍ତକ ଅପେକ୍ଷା ମୁଦ୍ରିତ ପୁସ୍ତକକୁ ଆପଣାର କରିବା ସହ ଅଧ୍ୟୟନ ଜାରି ରଖିଲେ ସଫଳତା ନିଶ୍ଚୟ ମିଳିବ। ଏହି ପ୍ରଦର୍ଶନୀରେ ଅଧ୍ୟାପକ, ଅଧ୍ୟାପିକା ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇ ପୁସ୍ତକ ଅଧ୍ୟୟନ କରିଥିଲେ।